# NATIONAL NEWS BULLETIN (ODIA)
## 22 March - 2024
## Morning Bulletin : 7.15 a.m.

**********************************

## ମୁଖ୍ୟ ସମ୍ବାଦ

- ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ନିର୍ବାଚନ ଆୟୋଗ ଇଲେକ୍ଟୋରାଲ୍ ବଣ୍ଡ୍‌ର ନମ୍ବର ସମେତ ସମସ୍ତ ତଥ୍ୟ ଗତକାଲି ନିଜ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରିଛନ୍ତି ।
- ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ୍‌ଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ମଦ ଦୁର୍ନୀତି ସମ୍ପର୍କିତ ବେଆଇନ୍ ଅର୍ଥ ମାମଲାରେ ସଂପୃକ୍ତି ଅଭିଯୋଗରେ ଗତକାଲି ରାତିରେ ଗିରଫ୍ କରିଛି ।
- ଆଗାମୀ ଲୋକସଭା ନିର୍ବାଚନ ଲାଗି ବିଜେପି ପକ୍ଷରୁ ତୃତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି ।
- ଆଜିଠୁ ଆରମ୍ଭ ହେଉଛି ଆଇ.ପି.ଏଲ୍. କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ୧୭ତମ ସଂସ୍କାରଣ ।

– ଉଦ୍‌ଘାଟନୀ ମ୍ୟାଚ୍‌ରେ ଚେନ୍ନାଇ ସୁପରକିଙ୍ଗସ୍ ଓ ରୟାଲ୍ ଚାଲେଞ୍ଜର୍ସ ବାଙ୍ଗାଲୁରୁ ମଧ୍ୟରେ ହେବ ମୁକାବିଲା ।

ଏବଂ

- ସୁଇସ୍ ଓପନ୍ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟର ପୁରୁଷ ସିଙ୍ଗଲ୍ସ ବର୍ଗରେ ଭାରତୀୟ ଖେଳାଳି କିଦାମ୍ବୀ ଶ୍ରୀକାନ୍ତ, କିରନ୍ ଜର୍ଜ୍ ଓ ପ୍ରିୟାଂଶୁ ରାଜୱାତ୍ କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନିତ ହୋଇଛନ୍ତି ।

## ଇସିଆଇ-ଇଲେକ୍ଟୋରାଲ୍ ବଣ୍ଡସ୍

ନିର୍ବାଚନ ଆୟୋଗ ଇଲେକ୍ଟୋରାଲ୍ ବଣ୍ଡ୍‌ର ନମ୍ବର ସମେତ ସମସ୍ତ ତଥ୍ୟ ଗତକାଲି ନିଜ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରିଛନ୍ତି । ଏହି ନମ୍ବର ଗୁଡ଼ିକ ବଣ୍ଡର କ୍ରେତାମାନଙ୍କୁ ଟଙ୍କା ଗ୍ରହଣ କରୁଥିବା ରାଜନୈତିକ ଦଳ ଗୁଡ଼ିକ ସହିତ ମେଳ କରିବାରେ ସାହାଯ୍ୟ କରିବ । ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ୍ ପକ୍ଷରୁ ଏ ସମ୍ପର୍କିତ ବିସ୍ତୃତ ତଥ୍ୟ ଦାଖଲ କରାଯିବା ପରେ ନିର୍ବାଚନ ଆୟୋଗ ଦାତା ଏବଂ ଗ୍ରହିତାମାନଙ୍କର ସ୍ୱତନ୍ତ୍ର ତାଲିକା ନିଜ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରିଛନ୍ତି । ଇଲେକ୍ଟୋରାଲ୍ ବଣ୍ଡ ବିକ୍ରୟ ତଥା କାର୍ଯ୍ୟକାରି କରିବା ଲାଗି ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ହେଉଛି ଏକମାତ୍ର ସ୍ୱୀକୃତିପ୍ରାପ୍ତ ବ୍ୟାଙ୍କ୍ । ୨୦୧୮ ମାର୍ଚ୍ଚ ମାସରେ ଏହି ବଣ୍ଡ ସମ୍ପୃକ୍ତ ବ୍ୟାଙ୍କ୍ ପକ୍ଷରୁ ପ୍ରଥମେ ଜାରି କରାଯାଇଥିଲା । ଗତ ମାସରେ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରା ଏହି ଯୋଜନାକୁ ରଦ୍ଦ କରାଯିବା ସହିତ ଏହାର ସବିଶେଷ ବିବରଣୀ ତୁରନ୍ତ ଦାଖଲ କରିବା ଲାଗି ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍‌କୁ ନିର୍ଦ୍ଦେଶ ଦିଆଯାଇଥିଲା ।

# କେଜରିୱାଲ୍-ଗିରଫ୍

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ୍ ଦିଲ୍ଲୀ ମଦ ଦୁର୍ନୀତି ସମ୍ପର୍କିତ ବେଆଇନ୍ ଅର୍ଥ ମାମଲାରେ ସଂପୃକ୍ତି ଅଭିଯୋଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦ୍ୱାରା ଗତକାଲି ରାତିରେ ଗିରଫ୍ ହୋଇଛନ୍ତି । ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଶ୍ରୀ କେଜରିୱାଲଙ୍କୁ ତାଙ୍କର ନୂଆଦିଲ୍ଲୀ ସ୍ଥିତ ବାସଭବନରୁ ଗିରଫ୍ କରିଥିବା ଜଣାପଡ଼ିଛି । ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଏକ ଟିମ୍ ଗତକାଲି ସନ୍ଧ୍ୟାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ପହଞ୍ଚି ତଲାସୀ ଅଭିଯାନ ଆରମ୍ଭ କରିଥିଲା ।  ପରେ ଶ୍ରୀ କେଜରିୱାଲଙ୍କୁ ଗିରଫ୍ କରିଥିଲା । ଏହି ମାମଲାରେ ପୂର୍ବରୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ନିକଟରେ ହାଜର ହେବା ଲାଗି ୯ଥର ସମନ ଜାରି କରାଯାଇଥିବା ସତ୍ତ୍ୱେ ଶ୍ରୀ କେଜରିୱାଲ ଏହାକୁ ବେଆଇନ୍ ଓ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ କହି ଏହାକୁ ଏଡ଼ାଇ ଯାଇଥିଲେ । ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଏହି ସମନ ବିରୁଦ୍ଧରେ ଶ୍ରୀ କେଜରିୱାଲ୍ ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ମାତ୍ର ହାଇକୋର୍ଟ ଏହି ମାମଲାରେ ଶ୍ରୀ କେଜରିୱାଲ୍‌ଙ୍କୁ ତୁରନ୍ତ କୌଣସି ସୁରକ୍ଷା ଦେବା ଲାଗି ବାରଣ କରିବାର କିଛି ଘଣ୍ଟା ପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି ।

ଇତିମଧ୍ୟରେ ଆପ୍ ନେତା ତଥା ନୂଆଦିଲ୍ଲୀ ମନ୍ତ୍ରିମଣ୍ଡଳର ସଦସ୍ୟ ଆତିଶି କହିଛନ୍ତି, ମୁଖ୍ୟମନ୍ତ୍ରୀ ଶ୍ରୀ କେଜରିଓ୍ୱାଲଙ୍କ ଗିରଫ୍ ଦାରିକୁ ଖାରଜ କରିବା ଲାଗି ତାଙ୍କ ଦଳ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଏହି ମାମଲାର ଜରୁରୀକାଳୀନ ଶୁଣାଣି କରିବା ଲାଗି ଦଳ ପକ୍ଷରୁ ସର୍ବୋଚ୍ଚ ଅଦାଲତଙ୍କୁ ଆବେଦନ କରାଯାଇଛି ।

କଂଗ୍ରେସ ଦଳର ଜାତୀୟ ସାଧାରଣ ସଂପାଦକ ପ୍ରିୟଙ୍କା ଗାନ୍ଧି ଭଦ୍ରା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିଓ୍ୱାଲ୍‌ଙ୍କ ଗିରଫ୍‌ଦାରିକୁ ଭୁଲ୍ ତଥା ଅଣସାମ୍ବିଧାନିକ ବୋଲି ଅଭିହିତ କରିଛନ୍ତି ।

ଅନ୍ୟ ପକ୍ଷରେ ଏହି ଘଟଣାରେ ନିଜର ପ୍ରତିକ୍ରିୟା ଦେଇ ବରିଷ୍ଠ ବିଜେପି ନେତା ରବିଶଙ୍କର ପ୍ରସାଦ କହିଛନ୍ତି, ଦୁର୍ନୀତି ବିରୁଦ୍ଧରେ ଉଚିତ୍ ପଦକ୍ଷେପ ସ୍ୱରୂପ ଏହି ଆଇନ୍ ପ୍ରକ୍ରିୟା କାର୍ଯ୍ୟକାରୀ କରାଯାଇଛି । ତେବେ ଆଇନ୍‌କୁ ନିଜ ବାଟରେ ଯିବା ଲାଗି ଦିଆଯାଉ ବୋଲି ଶ୍ରୀ ପ୍ରସାଦ ମତବ୍ୟକ୍ତ କରିଛନ୍ତି ।

## ବିଜେପି-ଥାର୍ଡ ଲିଷ୍ଟ

ଆଗାମୀ ଲୋକସଭା ନିର୍ବାଚନ ଲାଗି ବିଜେପି ପକ୍ଷରୁ ତୃତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି । ସୂଚନା ଓ ପ୍ରସାରଣ

ରାଷ୍ଟ୍ରମନ୍ତ୍ରୀ ଏମ୍. ମୁରୁଗାନ୍ ନିଲିଗିରିସ୍ ଲୋକସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଥିବା ବେଳେ ତେଲଙ୍ଗାନାର ପୂର୍ବତନ ରାଜ୍ୟପାଳ ତାମିଲି ସାଇ ସୌନ୍ଦରାଜନ ଚେନ୍ନାଇ ଦକ୍ଷିଣ ଆସନରୁ ଦଳୀୟ ପ୍ରାର୍ଥୀ ହୋଇଛନ୍ତି । ସେହିଭଳି ତାମିଲନାଡୁ ରାଜ୍ୟ ବିଜେପି ମୁଖ୍ୟ କେ. ଆନ୍ନା ମଲାଇଙ୍କୁ କୋଇମ୍ବାଟୁର ଲୋକସଭା ଆସନରୁ ଦଳ ପ୍ରାର୍ଥୀ କରିଛି । ପୂର୍ବରୁ ଚଳିତ ଲୋକସଭା ନିର୍ବାଚନ ଲାଗି ବିଜେପି ପକ୍ଷରୁ ୨୬୭ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇସାରିଛି ।

## ରାଜସ୍ଥାନ-ଇଲେକ୍ସନ

ରାଜସ୍ଥାନରେ ଲୋକସଭା ନିର୍ବାଚନ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ । ପ୍ରଥମ ପର୍ଯ୍ୟାୟ ଏପ୍ରିଲ୍ ୧୯ ଓ ଦ୍ୱିତୀୟ ପର୍ଯ୍ୟାୟ ଏପ୍ରିଲ୍ ୨୬ରେ କରାଯିବ । ପ୍ରଥମ ପର୍ଯ୍ୟାୟରେ ୧୨ଟି ଲୋକସଭା ଆସନ ଲାଗି ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୧୩ଟି ଆସନ ଲାଗି ମତଦାନ ହେବ । ଏଥିଲାଗି ଆସନ୍ତା ୨୮ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବ ଏବଂ ଏହା ପରେ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବ । ଆଗାମୀ ସାଧାରଣ ନିର୍ବାଚନରେ ରାଜ୍ୟରେ ୫ କୋଟି ୩୨ ଲକ୍ଷରୁ ଅଧିକ ମତଦାତା ନିଜର ମତାଧିକାର ସାବ୍ୟସ୍ତ କରିବେ ।

ଏ ସଂପର୍କରେ ଆମର ସମ୍ବାଦଦାତା ଜଣାଇଛନ୍ତି, ରାଜ୍ୟରେ ଗତ ଲୋକସଭା ନିର୍ବାଚନ ତୁଳନାରେ ଚଳିତ ଥର ଭୋଟରଙ୍କ ସଂଖ୍ୟା ପ୍ରାୟ ୪୬ଲକ୍ଷ ବୃଦ୍ଧି ପାଇଛି । ସେହିଭଳି ପୂର୍ବ ନିର୍ବାଚନ ତୁଳନାରେ ଚଳିତଥର ମହିଳା ଭୋଟରଙ୍କର ପଞ୍ଜିକରଣ ଉଲ୍ଲେଖନୀୟ ଭାବେ ବୃଦ୍ଧି ଘଟିଛି । ରାଜ୍ୟରେ ଚଳିତ ଥର ପ୍ରଥମଥର ଲାଗି ୧୬ଲକ୍ଷ ଭୋଟର ମତଦାନ କରିବେ । ଏହି ନିର୍ବାଚନ ପ୍ରକ୍ରିୟାରେ ସର୍ବାଧିକ ଯୁବବର୍ଗ ଯେଭଳି ଅଂଶଗ୍ରହଣ କରିପାରିବେ ସେ ଦିଗରେ ସ୍ୱତନ୍ତ୍ର ପ୍ରଚେଷ୍ଟା ଜାରି ରହିଛି । ଚଳିତଥର ପ୍ରାୟ ୧୧ଲକ୍ଷ ଭୋଟର ଯେଉଁମାନେ କି ୮୫ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ତଥା ଦିବ୍ୟାଙ୍ଗ ଭୋଟର ରହିଛନ୍ତି ସେମାନଙ୍କ ଲାଗି ନିଜ ବାସଗୃହରେ ମତଦାନ କରିବାର ସୁବିଧା ଉପଲବ୍ଧ କରାଯାଇଛି । ଚଳିତ ନିର୍ବାଚନରେ ରାଜ୍ୟବ୍ୟାପି ମୋଟ୍ ୫୧ହଜାର ୭୫୬ ମତଦାନ କେନ୍ଦ୍ର ସ୍ଥାପନ କରାଯାଇଛି । ସେଥିମଧ୍ୟରେ ସର୍ବାଧିକ ୨ହଜାର ୬୧୧ଟି କେନ୍ଦ୍ର ବାର୍ମେର୍ ଜିଲ୍ଲାରେ ଅବସ୍ଥିତ । ରାଜ୍ୟରେ ମୋଟ୍ ୨୫ଟି ଲୋକସଭା ଆସନ ମଧ୍ୟରୁ ବିଜେପି ଏପର୍ଯ୍ୟନ୍ତ ୧୫ଟି ଲାଗି ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିବା ବେଳେ କଂଗ୍ରେସ ୧୦ଟି ଆସନ ଲାଗି ନିଜର ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

# କେରଳ ଇଲେକ୍‌ସନ୍

କେରଳରେ ଆଗାମୀ ଏପ୍ରିଲ୍ ୨୬ ତାରିଖ ଦିନ ଏକକ ପର୍ଯ୍ୟାୟରେ ଲୋକସଭା ନିର୍ବାଚନ ଅନୁଷ୍ଠିତ ହେବ । ରାଜ୍ୟର ସମସ୍ତ ୨୦ଟି ଯାକ ଲୋକସଭା ଆସନ ଲାଗି ସେହି ଦିନ ମତଦାନ କରାଯିବ । ଏଥିଲାଗି ଆସନ୍ତା ୨୮ ତାରିଖ ଦିନ ବିଜ୍ଞପ୍ତି ପ୍ରକାଶ ପାଇବ । ଏ ସଂପର୍କରେ ସୂଚନା ଦେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସଂଜୟ କୌଲ୍ କହିଛନ୍ତି, ରାଜ୍ୟରେ ନିର୍ବାଚନ ଆଦର୍ଶନ ଆଚରଣବିଧି କଡ଼ାକଡ଼ି ଭାବେ ଲାଗୁ କରାଯିବା ସହିତ ସମସ୍ତ ମତଦାତା ଯେଭଳି ସୁରୁଖୁରୁରେ ନିଜର ମତାଧିକାର ସାବ୍ୟସ୍ତ କରିପାରିବେ ସେଥିଲାଗି ଆବଶ୍ୟକ ପଦକ୍ଷେପ ନିଆଯାଉଛି । ଏହି ନିର୍ବାଚନରେ ରାଜ୍ୟର ତିନୋଟି ପ୍ରମୁଖ ରାଜନୈତିକ ଦଳ ପ୍ରତିଯୋଗିତା କରୁଛନ୍ତି । ସେମାନେ ହେଲେ ଶାସକ ଏଲ୍.ଡି.ଏଫ୍., କଂଗ୍ରେସ ନେତୃତ୍ୱାଧୀନ ୟୁ.ଡି.ଏଫ୍. ଏବଂ ବିଜେପି ନେତୃତ୍ୱାଧୀନ ଏନ୍.ଡି.ଏ. । ଏଲ୍.ଡି.ଏଫ୍. ଓ ୟୁ.ଡି.ଏଫ୍. ପକ୍ଷରୁ ୨୦ଟି ଯାକ ଆସନ ଲାଗି ପ୍ରାର୍ଥୀ ଘୋଷଣା କରାଯାଇଥିବା ବେଳେ ଏନ୍.ଡି.ଏ. ଏ ପର୍ଯ୍ୟନ୍ତ ୧୬ଟି ଆସନ ଲାଗି ନିଜର ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି । ଚଳିତ ନିର୍ବାଚନରେ କେନ୍ଦ୍ର ମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖରମ୍ ତିରୁଅନନ୍ତପୁରମ୍‌ରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ  ଆଟିଙ୍ଗାଲ୍‌ରୁ ଭି. ମୁରଲୀଧରନ୍ ନିର୍ବାଚନ

ରଣାଙ୍ଗନାରେ ଅବତୀର୍ଣ୍ଣ ହୋଇଛନ୍ତି । ସେହିଭଳି କଂଗ୍ରେସ ନେତା ରାହୁଲ ଗାନ୍ଧି ୱାୟାନାଡ୍ ଲୋକସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ଇତିମଧ୍ୟରେ ରାଜ୍ୟରେ ରାଜନୈତିକ ବାତାବରଣ କ୍ରମଶଃ ଉଷ୍ମ ହେଉଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

ଏଠାରେ ସୂଚନା ଦିଆଯାଇପାରେ – ୨୦୧୯ ସାଧାରଣ ନିର୍ବାଚନରେ ମୋଟ୍ ୨୦ଟି ଲୋକସଭା ଆସନ ମଧ୍ୟରୁ ୟୁ.ଡି.ଏଫ୍. ୧୯ଟି ଆସନରେ ବିଜୟୀ ହୋଇଥିବା ବେଳେ ଏଲ୍.ଡି.ଏଫ୍. ଗୋଟିଏ ଆସନରେ ଜିତିଥିଲା ।

# ପଞ୍ଜାବ-ଲିକର୍

ପଞ୍ଜାବର ସାଙ୍ଗୁର ଜିଲ୍ଲା ଅନ୍ତର୍ଗତ ଗୁଜରା ଓ ଡଣ୍ଡୋଲି ଠାରେ ଅପମିଶ୍ରିତ ମଦ ମୃତ୍ୟୁ ସଂଖ୍ୟା ୮କୁ ବୃଦ୍ଧି ପାଇଛି । ବିଜେପି, କଂଗ୍ରେସ ଓ ଶିରୋମଣି ଅକାଳୀ ଦଳଙ୍କ ସମେତ ବିରୋଧୀ ଦଳ ଗୁଡ଼ିକ ଏଥିଲାଗି ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଛନ୍ତି । ରାଜ୍ୟ ବିରୋଧୀ ଦଳ ନେତା ପ୍ରତାପ ସିଂହ ବାଜୱା ଏଥିଲାଗି ମୁଖ୍ୟମନ୍ତ୍ରୀ ଭଗବନ ସିଂହ ମାନ୍‌ଙ୍କୁ ଦାୟୀ କରିବା ସହିତ ରାଜ୍ୟ ଅବକାରୀ ମନ୍ତ୍ରୀଙ୍କର ଇସ୍ତଫା ଦାବି କରିଛନ୍ତି ।

ଅନ୍ୟ ପକ୍ଷରେ ବିଜେପି ମୁଖପାତ୍ର ଏସ୍.ଏସ୍. ଚାନି କହିଛନ୍ତି, ଉଭୟ ମୁଖ୍ୟମନ୍ତ୍ରୀ ଏବଂ ଅବକାରୀ ମନ୍ତ୍ରୀ ତୁରନ୍ତ ନିଜ ପଦବୀରୁ ଅପସରି ଯିବା ଉଚିତ୍ । ଏହି ଅଘଟଣ ରାଜ୍ୟ ସରକାରଙ୍କ ସମସ୍ତ କ୍ଷେତ୍ରରେ ବିଫଳତାକୁ ସୂଚାଉଛି ବୋଲି ଶ୍ରୀ ଚାନି କହିଛନ୍ତି ।

## ଆଇପିଏଲ୍

ଆଜିଠୁ ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ ଆଇ.ପି.ଏଲ୍. କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ୧୭ତମ ସଂସ୍କରଣ ଆରମ୍ଭ ହେଉଛି । ଏହି ଟୁର୍ଣ୍ଣାମେଣ୍ଟରେ ମୋଟ୍ ୭୪ଟି ମ୍ୟାଚ୍ ଖେଳାଯିବ । ଗତବର୍ଷ ପରି ଚଳିତ ଥର ମଧ୍ୟ ୧୦ଟି ଦଳ ଏଥିରେ ଅଂଶଗ୍ରହଣ କରୁଛନ୍ତି । ପ୍ରତ୍ୟେକ ଦଳ ୧୪ଟି ଲେଖାଏଁ ଲିଗ୍ ମ୍ୟାଚ୍ ଖେଳିବେ । ପଏଣ୍ଟ ଟେବୁଲ୍ର ପ୍ରଥମ ୪ଟି ଦଳ ପ୍ଲେଅଫ୍ରେ ଭାଗ ନେବେ । ୧୧ଟି ଷ୍ଟାଡିୟମ୍ରେ ସମସ୍ତ ମ୍ୟାଚ୍ ଖେଳାଯିବ । ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍ରେ ଅନୁଷ୍ଠିତ ହେବାକୁ ଥିବା ଉଦ୍‌ଘାଟନୀ ମ୍ୟାଚ୍ରେ ଗତବର୍ଷର ଚାମ୍ପିୟନ୍ ଚେନ୍ନାଇ ସୁପରକିଙ୍ଗସ୍ ଓ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ମୁକାବିଲା ହେବ । ଏହି ମ୍ୟାଚ୍ ରାତି ୮ଟାରେ ଆରମ୍ଭ ହେବ ।

ମ୍ୟାଚ୍ ପୂର୍ବରୁ ଷ୍ଟାଡିୟମ୍‌ରେ ସନ୍ଧ୍ୟା ୬ଟା ୩୦ମିନିଟ୍‌ରୁ ରଙ୍ଗାରଙ୍ଗ ଉତ୍ସବ ସହିତ ବିଶିଷ୍ଟ କଣ୍ଠଶିଳ୍ପୀ ସୋନୁ ନିଗମ ଏବଂ ସଂଗୀତଜ୍ଞ ଏ.ଆର୍. ରେହେମାନ୍ ସଂଗୀତ ପରିବେଶଣ କରିବେ । ଏହାଛଡ଼ା ଚଳଚ୍ଚିତ୍ର ଅଭିନେତା ଅକ୍ଷୟ କୁମାର ଓ ଟାଇଗର ସର୍ଫ ମଧ୍ୟ ଏଥିରେ ଯୋଗଦେଇ ଦର୍ଶକଙ୍କର ମନୋରଞ୍ଜନ କରିବେ । ପରେ ଆତସବାଜି ପ୍ରଦର୍ଶନ ହେବାର କାର୍ଯ୍ୟକ୍ରମ ରହିଛି ।

## ସୁଇସ୍ ଓପନ୍ ବ୍ୟାଡ୍‌ମିଣ୍ଟନ

ସୁଇଜରଲ୍ୟାଣ୍ଡର ବାସେଲ୍ ଠାରେ ଚାଲିଥିବା ସୁଇସ୍ ଓପନ୍ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟର ପୁରୁଷ ସିଙ୍ଗଲ୍ସ ବର୍ଗରେ ଭାରତୀୟ ଖେଳାଳି କିଦାମ୍ବୀ ଶ୍ରୀକାନ୍ତ, କିରନ୍ ଜର୍ଜ୍ ଓ ପ୍ରିୟାଂଶୁ ରାଜୱାତ୍ କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ଗତକାଲି ଅନୁଷ୍ଠିତ ପୃଥକ ପୃଥକ ମ୍ୟାଚ୍‌ରେ କିଦାମ୍ବୀ ଶ୍ରୀକାନ୍ତ ମାଲେସିଆର ଲି ଜି ଜିୟାଙ୍କୁ ସିଧାସଳଖ ୨୧-୧୬ ଓ ୨୧-୧୫ ସେଟ୍‌ରେ ପରାସ୍ତ କରିଥିବା ବେଳେ କିରନ୍ ଜର୍ଜ୍ ଫ୍ରାନ୍ସର ଆଲେକ୍ସ ଲାନିୟର୍‌ଙ୍କୁ ୧୮-୨୧, ୨୨-୨୦ ଓ ୨୧-୧୮ ସେଟ୍‌ରେ ହରାଇ ଦେଇଛନ୍ତି । ସେହିଭଳି ପ୍ରିୟାଂଶୁ ରାଜୱାତ୍ ମଧ୍ୟ ଚୀନ୍‌ର ଲି ଲାନ୍‌ସିଙ୍କୁ ୨୧-୧୪, ୨୧-୧୩ ସେଟ୍‌ରେ ପରାସ୍ତ କରିଛନ୍ତି ।

ସେହିଭଳି ଗତକାଲି ମହିଳା ଡବଲ୍ସ ବର୍ଗରେ ଭାରତର ଗାୟତ୍ରୀ ଗୋପୀଚାନ୍ଦ ଓ ତ୍ରିଶା ଜୋଲିଙ୍କ ଯୋଡ଼ି କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିଛନ୍ତି । ଏହି ଯୋଡ଼ି ଅନ୍ୟ ଏକ ଭାରତୀୟ ଯୋଡ଼ି ପ୍ରିୟା କୋନ୍‌ଜେଙ୍ଗ୍‌ବାମ୍ ଓ ଶ୍ରୁତି ମିଶ୍ରଙ୍କୁ ସିଧାସଳଖ ୨୧-୧୦ ଓ ୨୧-୧୨ ସେଟ୍‌ରେ ପରାସ୍ତ କରିଥିଲେ ।

ଅନ୍ୟ ପକ୍ଷରେ ଭାରତର ଲକ୍ଷ୍ୟ ସେନ୍ ପୁରୁଷ ପ୍ରି-କ୍ୱାର୍ଟର ବର୍ଗରେ ତାଇୱାନ୍‌ର ଲି ଚିଆ ହାଓଙ୍କ ଠାରୁ ପରାସ୍ତ ହୋଇଥିବା ବେଳେ ମହିଳା ସିଙ୍ଗଲ୍ସ ବର୍ଗରେ ପି.ଭି. ସିନ୍ଧୁ ଜାପାନ୍‌ର ତୋମୋକା ମିଆଜାକିଙ୍କ ଠାରୁ ହାରି ଯାଇଛନ୍ତି ।

ସେହିଭଳି  ମିକ୍ସଡ୍ ଡବଲ୍ସ ବର୍ଗରେ ଭାରତୀୟ ଯୋଡ଼ି ବି. ସୁମିତ ରେଡ୍ଡୀ ଓ ଏନ୍. ସିକି ରେଡ୍ଡୀ ନେଦରଲ୍ୟାଣ୍ଡର ରବୀନ୍ ଓ ସେଲେନାଙ୍କ ଯୋଡ଼ି ଠାରୁ ପରାସ୍ତ ହୋଇଛନ୍ତି । ଏହାଛଡ଼ା ଅନ୍ୟ ଏକ ଭାରତୀୟ ଯୋଡ଼ି ଏସ୍.କେ. କରୁଣାକରନ ଓ ଆଦ୍ୟା ଭାରିୟାଥ୍ ମାଲେସିଆର ଚେନ୍ ତାନ୍ ଜି ଓ ତୋ ଏ ୱି ଯୋଡ଼ିଙ୍କ ଠାରୁ ପରାସ୍ତ ହୋଇଛନ୍ତି ।